[2010] 9 S.C.R. 454

ରବୀନ୍ଦ୍ର ତୁକାରାମ ହିୱାଲେ

ବନାମ

ମହାରାଷ୍ଟ୍ର ରାଜ୍ୟ

(2010 ଫୌଜଦାରୀ ଆବେଦନ ସଂଖ୍ୟା 1419-1420/2010)

ଅଗଷ୍ଟ 2, 2010

**[ହର୍ଜିତ୍ ସିଂ ବେଦି ଏବଂ ଚନ୍ଦ୍ରମୌଳି କେ. ଆର୍. ପ୍ରସାଦ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦଣ୍ଡ ସଂହିତା, 1860:*

*ଧାରା 306 ଏବଂ 498-A -- ଜଣେ ବିବାହିତ ମହିଳା ନିଜକୁ ଜାଳି ତାଙ୍କ ମୃତ୍ୟୁର କାରଣ ପାଲଟିଥିଲେ --ସ୍ୱାମୀ ଧାରା 306 ଏବଂ 498-A ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ଯଥାକ୍ରମେ ଚାରି ବର୍ଷ ଏବଂ ଏକ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ ଦେଇଥିଲେ -- ଧାରା 306 ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ଛଅ ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ବୃଦ୍ଧି କରିଥିଲେ-- ନିର୍ଣ୍ଣୟ ହୋଇଛି:ସେହି ଦିନ ସକାଳେ, ଅର୍ଥାତ୍ ଘଟଣା ଘଟିବା ତାରିଖ ଦିନ, ମୃତ ବ୍ୟକ୍ତି ଜଣକ ତାଙ୍କ ସ୍ୱାମୀଙ୍କ ସହ ଝଗଡ଼ା କରିଥିବା କଥା ମୃତ୍ୟୁକାଳୀନ ଜମାନବନ୍ଦୀରେ ସେ ଘୋଷଣା କରିଥିଲେ, (ଯାହା ଏକ ସାଧାରଣ ସ୍ଥାନ ଯେଉଁଠି ବିବାହିତ ଦମ୍ପତିଙ୍କ ମଧ୍ୟରେ ଘଟିଥାଏ), ଉଚ୍ଚ ନ୍ୟାୟାଳୟ ଏହି ନିର୍ଣ୍ଣୟ ଦେବାରେ ନ୍ୟାୟସଙ୍ଗତ ନଥିଲେ ଯେ ଅଭିଯୁକ୍ତ ତାଙ୍କ ଝଗଡ଼ା ପ୍ରକୃତିର କାରଣରୁ ସେ ଦଣ୍ଡର ବୃଦ୍ଧି ପାଇଁ ଦାୟୀ ଥିଲେ --ଏହା ମଧ୍ୟ ଗୁରୁତ୍ୱାରୋପ କରାଯିବା ଉଚିତ ଯେ ଦଣ୍ଡର ପରିମାଣ ଉପରେ ଅପିଲିୟ ଅଦାଲତଙ୍କ ହସ୍ତକ୍ଷେପ କ୍ୱଚିତ୍ ଏବଂ କେବଳ ବ୍ୟତିକ୍ରମୀ ମାମଲାରେ ହେବା ଉଚିତ -- ଧାରା 306 ଏକ ଦଣ୍ଡ ପାଇଁ ବ୍ୟବସ୍ଥା କରେ ଯାହା 10 ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ଏବଂ 10 ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ପ୍ରଦାନ କରିବା, ବିଚାର କରୁଥିବା ନ୍ୟାୟାଳୟର ବିଶେଷାଧିକାର ଥିଲା -- ବିଚାର କରୁଥିବା ନ୍ୟାୟାଳୟ ଏକ ସକାରାତ୍ମକ ତଥ୍ୟ ଦେଇଥିଲେ ଯେ ଅଭିଯୁକ୍ତଙ୍କ ତରଫରୁ କିଛି ସମୟ ଧରି କୌଣସି ଅସଦାଚରଣ ହୋଇନଥିଲା ଏବଂ ସକାଳେ ପାରିବାରିକ ଝଗଡ଼ା କାରଣରୁ ଏହି ଘଟଣା ଏକ ସ୍ୱତଃସ୍ଫୁର୍ତ ଘଟଣା ଥିଲା -- ଘଟଣା ଘଟିବାର ପ୍ରାୟ ଏକ ବର୍ଷ ପୂର୍ବରୁ ଲେଖାଯାଇଥିବା ଦୁଇଟି ଚିଠିକୁ ଆଧାର କରି ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ, ମୃତ୍ୟୁକାଳୀନ ଜମାନବନ୍ଦୀ ପାଇଁ କମ ଆବଶ୍ୟକ ହେବ --ଘଟଣାଟି ଫେବ୍ରୁଆରୀ, 1990 ରେ ଘଟିଥିଲା ଏବଂ ଅଭିଯୁକ୍ତ ପ୍ରାୟ ଚାରି ବର୍ଷ ଦଣ୍ଡ ଭୋଗିଛନ୍ତି -- ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶ ରଦ୍ଦ ହୋଇଛି ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କ ରାୟକୁ ନିଶ୍ଚିତ କରାଯାଇଛି -- ଫୌଜଦାରୀ ଆଇନ-- ଅପିଲିୟ ଅଦାଲତ ଦ୍ୱାରା ଦଣ୍ଡାଦେଶ ପରିମାଣରେ ହସ୍ତକ୍ଷେପ -- ଔଚିତ୍ୟତା -- ଦଣ୍ଡାଦେଶ।*

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା. 1419-1420/2010।

ତା 02.08.2006 ରିଖରେ ବମ୍ବେ ଉଚ୍ଚ ନ୍ୟାୟାଳୟର ନାଗପୁର ଖଣ୍ଡପୀଠଙ୍କ ଫୌଜଦାରୀ ଆବେଦନ ସଂଖ୍ୟା 53 ଏବଂ 199/1991 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି।

ବି. ଶ୍ରୀଧର ଆବେଦନକାରୀ ପାଇଁ।

ଶଙ୍କର ଚିଲ୍ଲାରଜୀ, ଆଶା ଜି. ନାୟାର, ରବୀନ୍ଦ୍ର କେଶବରାଓ ଆଡସୁରେ, ଉତ୍ତରଦାତାଙ୍କ ପାଇଁ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା

ଆଦେଶ

ଅନୁମତି ପ୍ରଦାନ କରାଗଲା ।

ଆବେଦନକାରୀ ତାଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ମୃତ ଅଲକାଙ୍କୁ ବିବାହ କରିଥିଲେ ।ଅଭିଯୋଜନ ପକ୍ଷର କାହାଣୀ ଅନୁଯାୟୀ, ଫେବୃଆରୀ 6, 1990 ମସିହା, ସକାଳ ପ୍ରାୟ 7ଟା ବେଳେ ଉକ୍ତ ମୃତକ୍ ବ୍ୟକ୍ତି ଜଣକ, ଘରର ରୋଷେଇ ଘରେ ଗମ୍ଭୀର ପୋଡ଼ାଜଖମ ଯନ୍ତ୍ରଣାରେ ପୀଡ଼ିତ ହୋଇଥିଲେ ଏବଂ ସେହି ଆଘାତ ପାଇଁ ତାଙ୍କର ଅକାଳ ବିୟୋଗ ହୋଇଥିଲା । ଅଭିଯୋଜନ ପକ୍ଷର ମାମଲା ଏହା ଯେ 9 ଫେବୃଆରୀ,1990 ମସିହା, ସକାଳ ପ୍ରାୟ 8ଟା 30 ମିନିଟରେ ସେ ପିଡବ୍ଲୁ. 10- ଜଣେ ପୋଲିସ୍ ହେଡ୍ କନଷ୍ଟେବଲଙ୍କୁ ମୃତ୍ୟୁକାଳୀନ ଜମାନବନ୍ଦୀ ଦେଇଥିଲେ, ଯେଉଁଥିରେ ସେ ବର୍ଣ୍ଣନା କରିଥିଲେ ଯେ ଘର କାମ ଏବଂ ପିଲାମାନଙ୍କୁ ଖାଇବାକୁ ଦେବା ନେଇ ତାଙ୍କ ସ୍ୱାମୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା ଏବଂ ଏହା ପରେ ସେ ନିଜ ଉପରେ କିରୋସିନି ଢାଳି ଦେଇଥିଲେ ଏବଂ ପରେ ନିଜକୁ ଜାଳି ଦେଇଥିଲେ ।

ପ୍ରମାଣ ଉପରେ ବିଚାର କରି ବିଚାର କରୁଥିବା ନ୍ୟାୟାଳୟ ଆବେଦନକାରୀଙ୍କୁ ଧାରା 498-A ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷର ଦଣ୍ଡ ବିଧାନ କରିଥିଲେ ଏବଂ ଧାରା 306 ଅନୁଯାୟୀ ଚାରି ବର୍ଷର ଦଣ୍ଡ ବିଧାନ କରିଥିଲେ । ଏହା ପରେ ଆବେଦନକାରୀ ବମ୍ବେ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରିଥିବାବେଳେ ମହାରାଷ୍ଟ୍ର ରାଜ୍ୟ ଉଚ୍ଚ ଦଣ୍ଡାଦେଶ ପାଇଁ ମଧ୍ୟ ଏକ ଆବେଦନ ଆଗତ କରିଥିଲା । ଆବେଦନକାରୀଙ୍କ ଦ୍ୱାରା ଆଗତ ହୋଇଥିବା ଆବେଦନକୁ ଖାରଜ କରାଯାଇଥିଲା । ରାଜ୍ୟ ଦ୍ୱାରା ଆଗତ ହୋଇଥିବା ଆବେଦନକୁ ଅନୁମତି ଦିଆଯାଇଥିଲା ଏବଂ ଆଇପିସି ଧାରା 307 ଅନୁଯାୟୀ ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ ଚାରି ବର୍ଷରୁ ଛଅ ବର୍ଷକୁ ବୃଦ୍ଧି କରାଯାଇଥିଲା । ଏଭଳି ସ୍ଥିତିରେ ଏହି ମାମଲା ଆମ ସମ୍ମୁଖରେ ରହିଛି ।

ଆବେଦନକାରୀଙ୍କ ବିଦ୍ୱାନ ଓକିଲ ଆମ ସମ୍ମୁଖରେ କେବଳ ଗୋଟିଏ ତର୍କ ଉପସ୍ଥାପନ କରିଛନ୍ତି ।ସେ ଦାଖଲ କରିଛନ୍ତି ଯେ, ଆବେଦନକାରୀ ଜଣେ ଝଗଡ଼ା ଏବଂ ଆକ୍ରମଣାତ୍ମକ ପ୍ରକୃତିର ଜଣାପଡୁଛନ୍ତି ଏବଂ ତାଙ୍କ ଆଚରଣର ପ୍ରମାଣ ଭାବରେ ଦୁଇଟି ଚିଠି ଉପରେ ନିର୍ଭର କରି ଉଚ୍ଚ ନ୍ୟାୟାଳୟ ଅନୁଭବ କରିଥିଲେ ଯେ ଏକ ଭାରୀ ଦଣ୍ଡାଦେଶ ଲାଗୁ କରାଯିବା ଆବଶ୍ୟକ । ତଥାପି, ଆମେ ଦେଖୁଛୁ ଯେ ସେହି ଦିନ ସକାଳେ (ଯାହା ଯୁବ ବିବାହିତ ଦମ୍ପତିଙ୍କ ପାଇଁ ଏକ ସାଧାରଣ ସ୍ଥାନ) ସେ ତାଙ୍କ ସ୍ୱାମୀଙ୍କ ସହ ଝଗଡ଼ା କରିଥିଲେ ବୋଲି ମୃତ ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ମୃତ୍ୟୁକାଳୀନ ଜମାନବନ୍ଦୀ ଆଧାରରେ, ଉଚ୍ଚ ନ୍ୟାୟାଳୟ ଏହି ନିର୍ଣ୍ଣୟରେ ନ୍ୟାୟସଙ୍ଗତ ନଥିଲେ ଯେ ଆବେଦନକାରୀ ତାଙ୍କ ଝଗଡ଼ା ପ୍ରକୃତିର କାରଣରୁ ତାଙ୍କ ଦଣ୍ଡରେ ବୃଦ୍ଧି ପାଇଁ ସେ ଦାୟୀ ଥିଲେ । ଆମକୁ ଏହା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ହେବ ଯେ ଦଣ୍ଡର ପରିମାଣ ଉପରେ ଅପିଲିୟ ଅଦାଲତଙ୍କ ହସ୍ତକ୍ଷେପ କ୍ୱଚିତ ଏବଂ କେବଳ ବ୍ୟତିକ୍ରମୀ ମାମଲାରେ ହେବା ଉଚିତ । ଆଇପିସିର ଧାରା 306 ଦଣ୍ଡାଦେଶ ପ୍ରଦାନ କରେ, ଯାହା 10 ବର୍ଷ ପର୍ଯ୍ୟନ୍ତ ବଢ଼ିପାରେ । ତେଣୁ 10 ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ଦେବା ବିଚାର କରୁଥିବା ନ୍ୟାୟାଳୟର ବିଶେଷାଧିକାର ଥିଲା । ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, ବିଚାର କରୁଥିବା ନ୍ୟାୟାଳୟ ଏକ ସକାରାତ୍ମକ ତଥ୍ୟ ଦେଇଥିଲେ ଯେ କିଛି ସମୟ ମଧ୍ୟରେ ଆବେଦନକାରୀଙ୍କ ତରଫରୁ କୌଣସି ଦୁର୍ବ୍ୟବହାର ହୋଇନଥିଲା ଏବଂ ସକାଳେ ପାରିବାରିକ ବିବାଦରୁ ଏହି ଘଟଣା ଏକ ସ୍ୱତଃସ୍ଫୂର୍ତ ଭାବେ ଘଟିଥିଲା । ଘଟଣାର ପ୍ରାୟ ଏକ ବର୍ଷ ପୂର୍ବରୁ ଲିଖିତ ଦୁଇଟି ଚିଠିକୁ ଆଧାର କରି ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ, ମୃତକଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀର ମୂଲ୍ୟ କମ କରିବ । ଆମେ ଏହା ମଧ୍ୟ ଲକ୍ଷ୍ୟ କରିଛୁ ଯେ ଏହି ଘଟଣା ଫେବୃଆରୀ 1990 ରେ ଘଟିଥିଲା, ଏବଂ ବିଦ୍ୱାନ ନ୍ୟାୟମିତ୍ର ଆମକୁ କହିଛନ୍ତି ଯେ ଆବେଦନକାରୀ ପ୍ରାୟ ଚାରି ବର୍ଷର ଦଣ୍ଡ ଭୋଗିଛନ୍ତି ।

ତଦନୁସାରେ ଆମେ ଆବେଦନକୁ ଅନୁମତି ଦେଉଛୁ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ ରଦ୍ଦ କରୁଛୁ ଏବଂ ବିଚାର କରୁଥିବା ନ୍ୟାୟାଳୟର ରାୟକୁ ନିଶ୍ଚିତ କରୁଛୁ । ଇତି ମଧ୍ୟରେ, ଆମେ ମଧ୍ୟ ନିର୍ଦ୍ଦେଶ ଦେଉଛୁ ଯେ ହେପାଜତରେ ଥିବା ଆବେଦନକାରୀଙ୍କୁ ଅନ୍ୟ କୌଣସି ମାମଲାରେ ଆବଶ୍ୟକ ନ ହେଲେ, ତୁରନ୍ତ ଖଲାସ କରାଯିବ ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।